# ୭ ଦିନରେ ମିଳିଲା ରାସନ୍ କାର୍ଡ



**ଅମ୍ବାଭୋନା,୬।୧(ସମିସ):** ଅମ୍ବାଭୋନା ବ୍ଲକ୍ ଅଧୀନ ଡୁଙ୍ଗୁରି ଲାଡ଼ଁନସରା ଗାଁର ଗରିବ ଓ ଯୋଗ୍ୟ ମହିଳା ହିତାଧିକାରୀ ସୁମେଲା ହାତୀ ଦୀର୍ଘ ସମୟ ଧରି ସରକାରୀ ରାସନ୍ କାର୍ଡ ପାଇଁ ସଂଘର୍ଷ କରୁଥିଲେ। ଦାରିଦ୍ର୍ୟ ଓ ଦୈନନ୍ଦିନ ଜୀବନର ଅନେକ ସମସ୍ୟା ମଧ୍ୟରେ ସେ ନିଜ ଯନ୍ତ୍ରଣା ସ୍ୱେଚ୍ଛାସେବୀ ଅଭୟ ପଣ୍ଡାଙ୍କୁ ଅବଗତ କରାଇଥିଲେ। ତାଙ୍କ ଦୁଃଖକଥା ଶୁଣି ଏକ ରବିବାର ସ୍ୱେଚ୍ଛାସେବୀ ଅଭୟ ପଣ୍ଡା ସ୍ୱୟଂ ସୁମେଲାଙ୍କ ଘରକୁ ପହଞ୍ଚି ସମସ୍ତ ଆବଶ୍ୟକ ସରକାରୀ ଦଲିଲ ଓ ଫଟୋ ସଂଗ୍ରହ କରିଥିଲେ। ପରେ ସେ ଏହି ସମସ୍ତ ଦଲିଲ ଅମ୍ବାଭୋନା ବ୍ଲକ୍ ବିଡିଓ କାର୍ଯ୍ୟାଳୟରେ ଦାଖଲ କରି ନ୍ୟାୟସଙ୍ଗତ ଓ ଶୀଘ୍ର ସମାଧାନ ପାଇଁ ଅଭିଯୋଗ ଜଣାଇଥିଲେ। ଅଭିଯୋଗ ପାଇବା ପରେ ଅମ୍ବାଭୋନା ବ୍ଲକ୍ ପ୍ରଶାସନ ତତ୍ପରତା ସହିତ ସମସ୍ତ ଦଲିଲର ସତ୍ୟାପଠ କରି ହିତାଧିକାରୀଙ୍କ ଯୋଗ୍ୟତା ନିଶ୍ଚିତ କରିଥିଲା। ସମସ୍ତ ପ୍ରକ୍ରିୟା ସମାପ୍ତ କରି ମାତ୍ର ୭ ଦିନ ମଧ୍ୟରେ ସୁମେଲା ହାତୀଙ୍କୁ ସରକାରୀ ରାସନ୍ କାର୍ଡ ପ୍ରଦାନ କରାଯାଇଛି।

# ଭୁବନେଶ୍ୱର ପାଣିଗ୍ରାହୀଙ୍କ ପରଲୋକ

**ବରଗଡ଼,୬।୧(ସମିସ):** ବରଗଡ଼ ବ୍ଲକ୍ ଅଧୀନ ବାଲିଯୋରୀ ଗାଁର ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ଭୁବନେଶ୍ୱର ପାଣିଗ୍ରାହୀଙ୍କ ୮୦ ବର୍ଷ ବୟସରେ ପରଲୋକ ଘଟିଛି। ସେ



ଜଣେ ସ୍ୱାସ୍ଥ୍ୟସେବୀ ଭାବେ ବେଶ୍ ପ୍ରତିଷ୍ଠା ଅର୍ଜନ କରିଥିଲେ। ସମ୍ବଲପୁର, ଆଗଲପୁର, ଘେଁସ, ଭୁକ୍ତା, ବିଜେପୁର ଆଦି ଅଞ୍ଚଳମାନଙ୍କରେ କାର୍ଯ୍ୟକରି କଟାପାଲି ପିଏଚସିରୁ ଅବସର ନେଇଥିଲେ। ମୃତ୍ୟୁ ସମୟରେ ତାଙ୍କର ଧର୍ମପତ୍ନୀ ବସନ୍ତ ପାଣିଗ୍ରାହୀଙ୍କ ସହ ୪ ପୁତ୍ର ସିଦ୍ଧେଶ୍ୱର, ରାଜେନ୍ଦ୍ର, ଦେବେନ୍ଦ୍ର, ଜ୍ୟୋତିନ୍ଦ୍ର ତଥା ପୁତ୍ରବଧୂ ସୁଷମା, ସ୍ୱିଟି, ଆରତି ଏବଂ ଝିଅ-ଜ୍ୱାଇଁ, ନାତି ନାତୁଣୀଙ୍କ ସମେତ ସମଗ୍ର ପରିବାର ଉପସ୍ଥିତ ଥିଲେ। ତାଙ୍କର ଜ୍ୟେଷ୍ଠପୁତ୍ର ସିଦ୍ଧେଶ୍ୱର ମୁଖାଗ୍ନି ଦେଇ ଶେଷକୃତ୍ୟ ସମ୍ପନ୍ନ କରିଥିଲେ।

# ଦୁଲମପୁରରେ ଚକ୍ଷୁ ପରୀକ୍ଷା ଶିବିର

**ଅତାବିରା,୬।୧(ସମିସ):** ତ୍ରିଲୋଚନ ନେତ୍ରାଳୟ ସମ୍ବଲପୁର ଓ ଗୋଶାଳା ମାଁ ଭଗବତୀ ଆୟୁର୍ବେଦିକ କ୍ଲିନିକ ତରଫରୁ ଦୁଲମପୁରଠାରେ ଡ.ସୁଶୀଲ ବେହେରାଙ୍କ ତତ୍ତ୍ୱାବଧାନରେ ମାଗଣା ଚକ୍ଷୁପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ପଦ୍ମଶ୍ରୀ ଡ.ଜିତେନ୍ଦ୍ର ହରିପାଲ,



ସଙ୍ଗୀତକାର ଶିବଶଙ୍କର ପ୍ରଧାନ, ସମାଜସେବୀ ନିହାଲ ସିଂ ଯୋଗଦାନ କରିଥିଲେ। ଶିକ୍ଷାବିତ ଧନଞ୍ଜୟ ପାତ୍ର, ବରିଷ୍ଠ ନାଗରିକ ଲିଙ୍ଗରାଜ ସାହୁ ଉପସ୍ଥିତ ଥିଲେ। ପରିଚାଳନାରେ ଦେବ ମହାନ୍ତି, ପ୍ରଦୀପ ରଣା, ଦେବାଶିଷ ପଟେଲ, କିଶନ ବେହେରା ପ୍ରମୁଖ ସହଯୋଗ କରିଥିଲେ। ୧୬୦ ଜଣ ଆଖି ପରୀକ୍ଷା କରାଇଥିବା ବେଳେ ୪୦ଜଣ ମୋତିଆବିନ୍ଦୁ ଚିହ୍ନଟ ଏବଂ ୧୦୫ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା।

# ମୁଖ୍ୟ ଶାସନ ସଚିବଙ୍କୁ ଅଭିନନ୍ଦନ

**ବରଗଡ଼,୬।୧(ସମିସ):** ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ପୂର୍ବତନ ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ନିଯୁକ୍ତ ହୋଇଛନ୍ତି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡତିଆ, ଅତାବିରା ବିଧାୟକ ନିହାର ମହାନନ୍ଦ ତାଙ୍କୁ ସାକ୍ଷାତ କରି ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ବରଗଡ଼ ଜିଲ୍ଲାର ବିଭିନ୍ନ ସମସ୍ୟା ଓ ଉନ୍ନୟନ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ।



# ପିକ୍ଅପ ସହ ୨୨୮ ବଣ୍ଡଲ କେନ୍ଦୁପତ୍ର ଜବତ

**ରେଢ଼ାଖୋଲ,୨୬।୧(ସମିସ):** ରେଢ଼ାଖୋଲ ଅଞ୍ଚଳରେ କେନ୍ଦୁପତ୍ର ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ବାହାର ରାଜ୍ୟକୁ ବାରମ୍ବାର କେନ୍ଦୁପତ୍ର ଚାଲାଣ ହେଉଥିବା ବେଳେ ବନ ବିଭାଗ ପକ୍ଷରୁ କାଁ ଭାଁ ଚଢ଼ଉ କରାଯାଇ କେନ୍ଦୁପତ୍ର ଜବତ କରାଯାଉଛି। ସେଥିରେ ପୁଣି ମାଫିଆ ଫେରାର ହୋଇଯାଉଛନ୍ତି। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ଚାରମାଳ ରେଞ୍ଜ ଅଧୀନ ବଡ଼ହିନ୍ଦୋଳଗ୍ରାମ ନିକଟରେ ବିଳମ୍ବିତ ରାତିରେ ବେଆଇନ କେନ୍ଦୁପତ୍ର ଚାଲାଣ ଉପରେ ଚାରମାଳ ରେଞ୍ଜ ପକ୍ଷରୁ ଚଢ଼ଉ କରି ୨୨୮ ବଣ୍ଡଲ କେନ୍ଦୁପତ୍ର ଜବତ କରିବା ସହ ପିକ୍ଅପ ନଂ ଡବ୍ଲୁବି ୨୦ଏ-୧୮୫୦ ବିଶିଷ୍ଟ ଗାଡିକୁ ଜବତ କରାଯାଇଛି। ତେବେ ଚଢ଼ଉ ସମୟରେ ଅଭିଯୁକ୍ତ ଫେରାର ହୋଇଯାଇଛି। ଚାରମାଳ ରେଞ୍ଜ ଅଞ୍ଚଳରୁ ବେଆଇନ ଭାବେ ଚୋରା ଚାଲାଣ କେନ୍ଦୁପତ୍ର ହେଉଥିବା ନେଇ ଖବର ପାଇ ଚାରମାଳ ରେଞ୍ଜ ଅଧିକାରୀ ଦର୍ଶନୀୟ ଭୋଇ ନେତୃତ୍ୱରେ ଅନ୍ୟ ବନ କର୍ମଚାରୀ ମାନେ ସଦଳବଳେ ବଡ଼ ହିନ୍ଦୋଳଗ୍ରାମ ନିକଟରେ ଚଢଉ କରିଥିଲେ।ଉକ୍ତ ପିକ୍ଅପ ମଧ୍ୟରୁ କେନ୍ଦୁପତ୍ର ଜବତ କରିଥିବା ବେଳେ ଘଟଣାସ୍ଥଳରୁ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଥିବା ଜଣାପଡିଛି।

## ହୀରାକୁଦ ନାଟ୍ୟ ମହୋତ୍ସବର ତୃତୀୟ ରଜନୀ

# 'ବାବୁର ଖର୍ଚ୍ଚା' ଓ 'ଭାଜ୍ୟ ଭାଜକ ଭାଗଫଳ'ମଞ୍ଚସ୍ଥ

**ହୀରାକୁଦ,୬।୧(ସମିସ):**



ସୃଜନୀ ପରିବାର ତରଫରୁ ବିଲଡିଂ ଅଫିସ ପରିସରରେ ଚାଲିଥିବା ହୀରାକୁଦ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିଲା। ଡ୍ରାମା ଚେତନା, ସୋହେଲା ପକ୍ଷରୁ ଡ଼. ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶିତ ନାଟକ 'ବାବୁର ଖର୍ଚ୍ଚା'ବେଶ ଉଚ୍ଚକୋଟିର ହୋଇଥିଲା।ଆଜିର ସରକାରୀ ବାବୁ ମାନେ ନିଜର ପଦବୀର ଅପବ୍ୟବହାର କରି ନିଜ ଆତିଥ୍ୟରେ ଅଧିକ ଖର୍ଚ୍ଚ କରି ତଳିଆ କର୍ମଚାରୀଙ୍କୁ ନିଷ୍ପେସିତ କରୁଛନ୍ତି ତାର ଜ୍ୱଳନ୍ତ ଦୃଶ୍ୟ ନାଟକ ମାଧ୍ୟମରେ ପରିବେଷଣ କରିଥିଲେ।ସେହିପରି ଦ୍ୱିତୀୟ ନାଟକ ଭାବରେ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ, ସମ୍ବଲପୁରର ବିରୁପାକ୍ଷ ପ୍ରଧାନ ନିର୍ଦ୍ଦେଶିତ'ଭାଜ୍ୟ ଭାଜକ ଭାଗଫଳ'ମଞ୍ଚସ୍ଥ ହୋଇଥିଲା। ପୁରୁଷ ପ୍ରଧାନ ସମାଜରେ ଆମେ ପୁଅ ଝିଅ ସମାନ ବୋଲି ନାରା ଦେଇଥିଲେ ମଧ ଏବେ ତାହା କେବଳ କାଗଜ କଲମରେ ସୀମିତି ହୋଇରହିଛି। ପରିବାର ମଧ୍ୟରେ ଥିବା ଏହି ପ୍ରଭେଦକୁ ଦୂର କରିବାର ବାର୍ତ୍ତା ଏହି ନାଟକରେ ପ୍ରଦର୍ଶିତ ହୋଇଥିଲା। ନାଟ୍ୟ କଳାକ୍ଷେତ୍ର,ହୀରାକୁଦ ତରଫରୁ ଭାରତ ନାଟ୍ୟମ ନୃତ୍ୟ ବହୁତ ଆକର୍ଷଣୀୟ ହୋଇଥିଲା।ଏହି ଅବସରରେ ପଦ୍ମାସିନୀ ପ୍ରଧାନ ଏକକ ଅଭିନୟ ପ୍ରଦର୍ଶନ କରିଥିଲେ।ଆଜିକାର ସମ୍ମାନିତ ଅତିଥି ଭାବରେ ଭାରପ୍ରାପ୍ତ ପୋଲିସ ଅଧିକାରୀ, ହୀରାକୁଦର ସାନୟ କୁମାର ନାୟକ,ସମ୍ମାନିତ ଅତିଥି ଭାବରେ ସିଏସଆର ମୁଖ୍ୟ, ହିଣ୍ଡାଲ୍‌କୋ, ହୀରାକୁଦର ଅରୁଣ ଚକ୍ରବର୍ତ୍ତୀ,ବର୍ଷିଆନ କଳାକାର ଅଶୋକ ମିଶ୍ର ଯୋଗଦେଇ ଥିଲେ। ଅତିଥିଙ୍କୁ ସୃଜନୀ ସଭାପତି ଶ୍ରୀନିବାସ ପଣ୍ଡା ସମ୍ମାନିତ କରିଥିଲେ। ସୃଜନୀ ସମ୍ପାଦକ ଜ୍ଞାନେନ୍ଦ୍ରୀୟ ଦାଶ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ମୁଣ୍ଡେନପାଲିରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ପ୍ରସ୍ତୁତି



**ଜମନକିରା,୬।୧(ସମିସ):** ରବିବାର ଦିନ ମୁଣ୍ଡେନପାଲି ଗ୍ରାମବାସୀଙ୍କୁ ନେଇ ଦୁର୍ଗାପୂଜା ମଣ୍ଡପ ସମ୍ମୁଖ ରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ନିର୍ମାଣ ବିଷୟରେ ଆଲୋଚନା କରାଯାଇଥିଲା। ମନ୍ଦିର ସ୍ଥାନ ନିରୂପଣ କରାଯାଇ ଭୂମିପୂଜନ କରିବା ପାଇଁ ତରଣୀ ଡନସେନା ପ୍ରସ୍ତାବ ଦେଇଥିଲେ। ଶ୍ରୀଜଗନ୍ନାଥ ପଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳିତ ହୋଇଥିଲା । ଗ୍ରାମର ନିମ୍ନଲିଖିତ ବ୍ୟକ୍ତିଙ୍କୁ ନେଇ କାର୍ଯ୍ୟକାରୀ ଦାୟିତ୍ୱ ଓ ନିରିକ୍ଷଣ ଦାୟିତ୍ୱ ଦିଆଯାଇଥିଲା। ଚିନ୍ତା ମଣି ମିର୍ଦ୍ଧା,ବିକ୍ରମ ନାଏକ,ସନ୍ତୋଷ ଡ଼ନସେନା, ସୁବଳ ବଡ଼ାଇ,ଅଶ୍ୱିନୀ ଦାସ,ବିଦ୍ୟାଧର ଡ଼ନସେନା, ଦିଲୀପ କୁସୁମ,ରାଜିନ୍ଦ୍ର ମଲ୍ଲିକ, ପ୍ରସନ୍ନ ସେନାପତି,କନ୍ଧେଶ୍ୱର ମାଝୀ, ସରୋଜ କୁମାର ନାଥ,ପ୍ରଶାନ୍ତ ପଣ୍ଡା,ମନୋଜ ନାଏକ, ଦେବାଶିଷ ସେନାପତି, କୈଳାସ ସାହୁ, ବ୍ୟୋମରାଜ କୁସୁମ,ଅଶୋକ ମାଝୀ,ଅର୍ଜୁନ ମାଝୀ, ସୁମନଜିତ୍ ମଲ୍ଲିକ,ପବିତ୍ର ପଧାନ,ସବ୍ୟସାଚି ଛୁରା,ବଳରାମ ମିର୍ଦ୍ଧା ପ୍ରଭୃତି ଯୋଗ ଦେଇଥିଲେ।

# ଛାତ୍ରଛାତ୍ରୀଙ୍କ ଅନୁପସ୍ଥିତିରେ ଶତ ପ୍ରତିଶତ ଉପସ୍ଥାନ ଖବର ଭିତ୍ତିହୀନ

**ବରଗଡ଼,୬।୧(ସମିସ):** ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ଖାମଖିଆଲି ମନୋଭାବ ଯୋଗୁଁ ମଧ୍ୟାହ୍ନ ଭୋଜନରେ ବ୍ୟାପକ ହରିଲୁଟ୍ ହୋଇଥିବା ଖବର ପ୍ରକାଶ ପାଇଥିଲା। ଗତ ୩ ତାରିଖରେ ବରଗଡ଼ ଜିଲ୍ଲାରେ କୌଣସି ବ୍ଲକ୍‌ରେ ପୁଷପୁନି ଛୁଟି ନଥିଲା। ଏହି ଦିନ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟଗୁଡିକ ଖୋଲା ରହିଥିଲା। ହେଲେ ପାଇକମାଳ ବ୍ଲକ୍‌ରେ ଅତି କମ ଛାତ୍ରଛାତ୍ରୀରେ ଶତ ପ୍ରତିଶତ ଉପସ୍ଥାନ ପଡିଥିବା ଖବର ପ୍ରକାଶ ପାଇଥିଲା। ଏନେଇ ସତ୍ୟାସତ୍ୟ ଜାଣିବା ପାଇଁ ପାଇକମାଳ ବ୍ଲକ୍‌ର କେତେକ ବିଦ୍ୟାଳୟକୁ ସକାଳ ଟିମ୍ ଯାଇ ପଚାରି ବୁଝି ଦେଖିଥିଲେ। ଏଥିରେ ବିଦ୍ୟାଳୟକୁ ଯେତେ ଛାତ୍ରଛାତ୍ରୀ ଆସିଥିଲେ ସେତିକି ଛାତ୍ରଛାତ୍ରୀ ଉପସ୍ଥାନ ପକାଇଛୁ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଥିଲା। ସୂଚନାଯୋଗ୍ୟ, ଏମଡିଏମ ମେସେଜ ମୋଟ ଛାତ୍ରଛାତ୍ରୀଙ୍କୁ ସୂଚିତ କରେ ନାହିଁ ତାହା ଏକ ନିର୍ଦ୍ଦିଷ୍ଟ ଦିନର ଉପସ୍ଥାନ ଓ ଏମଡିଏମ ଖାଇଥିବା ଛାତ୍ରଛାତ୍ରୀ ସଂଖ୍ୟାକୁ ସୂଚିତ କରେ। ପାଇକମାଳ ବ୍ଲକ୍‌ରେ ପ୍ରାୟ ସବୁ ବିଦ୍ୟାଳୟରେ ଯେତେ ପିଲା ପାଠପଢ଼ି ଆସିଥାନ୍ତି ସମସ୍ତେ ମଧ୍ୟାହ୍ନ ଭୋଜନ ଗ୍ରହଣ କରିଥାନ୍ତି। ଯାହା ଏମଡିଏମ ମେସେଜରେ ଉଭୟ ସଂଖ୍ୟାକୁ ସମାନ ଦର୍ଶାଇଥାଏ। ଏହା ବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀ ସଂଖ୍ୟା ନୁହେଁ କେବଳ ଉପସ୍ଥିତ ଛାତ୍ରଛାତ୍ରୀ ସଂଖ୍ୟା ବୋଲି ଶିକ୍ଷକମାନେ କହିଛନ୍ତି। ଏହା ଏକ ଭିତ୍ତିହୀନ ଖବର ବୋଲି ଶିକ୍ଷକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

# ବରପାଲିରେ ଅଭିଯୋଗ ଶୁଣାଣି ଶିବିର

**ବରପାଲି,୬।୧(ସମିସ):** ବରପାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବରଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଏକ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନା ଶିବିରର ଅଧ୍ୟକ୍ଷତା କରିଥିଲେ। ଏହା ସହିତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ, ବରପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ୍ତ କୁମ୍ଭାରଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଚାଷୀଙ୍କ ଟୋକନ ସମସ୍ୟା, ଧାନ ଲିଫିଟିଂ, ରାସ୍ତା କାର୍ଯ୍ୟ, ରାସନ କାର୍ଡ ସମସ୍ୟା, ପାନୀୟ ଜଳ ଭଳି ବିଭିନ୍ନ ଅଭିଯୋଗ ଉଠିଥିଲା। ମୋଟ ୭୧ ଅଭିଯୋଗ ରେକର୍ଡ ହୋଇଥିଲା, ଯାହା ମଧ୍ୟରୁ ୫୮ଟି ବ୍ୟକ୍ତିଗତ ଏବଂ ୧୩ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସମସ୍ତ ଅଭିଯୋଗକୁ ଗୁରୁତ୍ୱ ସହ ଶୁଣି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।



# ଭୀମଭୋଇ କଲେଜରେ ରକ୍ତଦାନ ଶିବିର

**ରେଢାଖୋଲ,୬।୧(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ




ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ,ଏନସିସି ଏବଂ ଜାତୀୟ ସେବା ଯୋଜନାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ସମୁଦାୟ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢୀ ଶିବିର ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅଭିଷେକ ଦାଶ ଶିବିରକୁ ପରିଚାଳନା କରିଥିଲେ। କଲେଜର ଯୁବ ରେଡ୍‌କ୍ରସ ଉପଦେଷ୍ଟା ଅଞ୍ଜନ କୁମାର ମିଶ୍ର,ଏନସିସି ଅଧିକାରୀ ସୁଶାନ୍ତ କେରକେଟ୍ଟା ଓ ଜାତୀୟ ସେବା ଯୋଜନା ଅଧିକାରୀ ଲିବନାସ କିଣ୍ଡୋ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ରେଢାଖୋଲ ବ୍ଲଡ୍ ବ୍ୟାଙ୍କର ଟେକ୍ନିକାଲ ଅଫିସର ନୃସିଂହ ଚରଣ ବିଶ୍ୱାଳ,ଲ୍ୟାବ ଟେକନିସିଆନ ମନୋରମା ଧଳ,ତ୍ରିବିକ୍ରମ ସାହୁ ଓ ସହଯୋଗୀ ଯାମିନୀ ସାହୁ ପ୍ରମୁଖ ଶିବିରରେ ରକ୍ତ ସଂଗ୍ରହ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରାଜା ପ୍ରଧାନ, ଶୋହନ ସୁନ୍ଦର ସାହୁ, କିରନ ସାଇ, ପ୍ରିୟଙ୍କା ସାହୁ, ଅର୍ପିତା ଗଡନାୟକ ପ୍ରମୁଖଙ୍କ ସମେତ ପୁରାତନ ଛାତ୍ର ସିଦ୍ଧାନ୍ତ ମାଝି, କଲେଜ କର୍ମଚାରୀ ବଳରାମ ଧଳ ରକ୍ତଦାନ କରିଥିଲେ। ଅଧ୍ୟାପକ ଡ.ବିରଞ୍ଚି ଖଡିଆ,ଡ. ମନୋରଂଜନ ମହନ୍ତ ଓ ଡ. ଦିବ୍ୟଲୋଚନ ରାଉତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ଛିନ୍ଦେଇକେଲାରେ କୀର୍ତ୍ତନ ଧାରା

**ପାଇକମାଳ,୬।୧(ସମିସ):** ପାଇକମାଳ ବ୍ଲକ୍ ଛିନ୍ଦେଇକେଲ।। ଗାଁରେ ରିଦ୍ଧିରାଣୀ ଷୋହଳ ପୂଜା ଉପଲକ୍ଷେ କିର୍ତ୍ତନ ଧାରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗାୟକ ଭାବେ ବୁଲୁ ଶତପଥୀ ବିରେନ୍ଦ୍ର ଜୁଆଡି, ଗାୟିକା ସୁନୀତା ସାହୁ, ସୁମି ବାଗ ଉପସ୍ଥିତ ଥାଇ କିର୍ତ୍ତନ ଧାରା ହୋଇଥିଲା। ମନୋଜ ସାହୁ ମଞ୍ଚ ପରିଚାଳନା କରିଥିଲେ। ମଳୟ ସାହୁ, ନିଳୟ ସାହୁ ପରିଚାଳନାରେ ସହଯୋଗ କରିଥିଲେ। ଶତାଧିକ କିର୍ତ୍ତନ ପ୍ରେମୀ ଉପସ୍ଥିତ ଥାଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।
















## ଚିନ୍ମୟ ମିଶନ ସମ୍ବଲପୁର ପକ୍ଷରୁ 'ସମଷ୍ଟି' ଗୀତା ଆବୃତ୍ତି

# ଦୁଃଖରୁ ମୋକ୍ଷ ଆଡକୁ ନେଇଯାଏ ଗୀତାର ବାଣୀ

**ସମ୍ବଲପୁର,୬।୧(ସମିସ):**



ଆନ୍ତର୍ଜାତିକ ଚିନ୍ମୟ ମିଶନର ୭୫ ବର୍ଷ ପୂର୍ତ୍ତୀ ଅବସରରେ ଚିନ୍ମୟ ମିଶନ ସମ୍ବଲପୁର ଶାଖା ତରଫରୁ ବୀର ବୀର୍ସା ମୁଣ୍ଡା ମଇଦାନରେ ସମଷ୍ଟି ଗୀତା ଆବୃତ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ନିର୍ଲିପ୍ତା ନନ୍ଦ ସରସ୍ୱତୀ, ମୁଖ୍ୟ ବକ୍ତା ଅନୁଗୁଳ ଜିଲ୍ଲା ଚିନ୍ମୟ ମିଶନର ମୁଖ୍ୟ ସ୍ୱାମୀ ଅମ୍ବିକାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା କହିଥିଲେ,ମାତା ସମଲେଶ୍ୱରୀ ଯେମିତି ସକଳ ସମ୍ବଳର ଅଧିଶ୍ୱରୀ ଗୀତା ମାତା ଠିକ୍ ସେମିତି ସମସ୍ତ ଜ୍ଞାନର ଅଧିକାରୀ। ମଣିଷ ସମସ୍ତ ସମସ୍ୟାର ସମାଧାନ ରାସ୍ତା ଗୀତା ଠାରୁ ପାଇ ପାରିବ। ମୁଖ୍ୟ ଅତିଥି ନିର୍ଲିପ୍ତା ନନ୍ଦ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଲେ ଜୀବନକୁ ପରିବର୍ତ୍ତନ ପାଇଁ ଗୀତା ହେଉଛି ସହଜ, ସରଳ ଉପାୟ। ଗୀତା ମଣିଷକୁ ବିଷାଦର ମୋକ୍ଷ ଆଡ଼କୁ ନେଇଯାଏ। ଦେବଗଡ଼ ଚିନ୍ମୟ ମିଶନର ମୁଖ୍ୟ ତନିଷ୍ଠା ନନ୍ଦ ସରସ୍ୱତୀ ମଧ୍ୟ ଅତିଥି ଭାବରେ ଉଦବୋଧନ ଦେଇଥିଲେ। ସମ୍ବଲପୁର ଚିନ୍ମୟ ମିଶନ ତରଫରୁ ଏହାର ମୁଖ୍ୟ ବିଷ୍ଣୁପ୍ରିୟାନନ୍ଦ ସରସ୍ୱତୀ ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ କାର୍ତ୍ତିକ ପ୍ରସାଦ ବହିଦାର ଅତିଥି ପରିଚୟ ପ୍ରଦାନ କରିଥିଲେ। ବୟୋଜ୍ୟେଷ୍ଠ ସଦସ୍ୟଶିକ୍ଷାବିଦ୍ ଅରବିନ୍ଦ ମହାପାତ୍ର ମିଶନର ଲକ୍ଷ୍ୟ ବାବଦରେ ସୂଚନା ଦେଇଥିଲେ। ପରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ପ୍ରାୟ ପାଞ୍ଚ ହଜାର ଶିକ୍ଷାର୍ଥୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ,ଶିକ୍ଷକ, ଶିକ୍ଷୟିତ୍ରୀ, ମିଶନର ସଦସ୍ୟମାନେ ମିଳିତ ହୋଇ ଗୀତାର ପଞ୍ଚଦଶ ଅଧ୍ୟାୟ ପୁରୁଷୋତ୍ତମ ଯୋଗ ଆବୃତ୍ତି କରିଥିଲେ। ରଘୁନାଥ ମିଶ୍ର, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ପୁରୁଷୋତ୍ତମ ଅଗ୍ରୱାଲ,ଡଃ ପ୍ରଭାସ ଦେବତା, ନରେଶ ବର୍ମା, ବିନୟ ସୋନି, ବିଶ୍ୱଭୂଷଣ ବିଶ୍ୱାଳ,ସତ୍ୟ ନାରାୟଣ ଠାକୁର,ଆରତୀ ପଣ୍ଡା, ରତ୍ନ ପ୍ରଭା ଦାସ, ସୁଷମା ଭୋଇ,ନିୟତି ସାହୁ, ଅମୃତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଭାପତି ଅକାଂକ୍ଷା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।କାର୍ଯ୍ୟକାରୀ ସଭାପତି ଶଶାଙ୍କ ଶେଖର ସ୍ୱାଇଁ ଏବଂ ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।

